ପ୍ରସ୍‌ନୋଟ୍

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ।

ଅନୁଗୋଳ, ତା, ୦୧.୮:- ଆଜି ପୂର୍ବାହ୍ନରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜି ଠାରୁ ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପି ସଚେତନତା କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଚଳିତ ବର୍ଷର ବାର୍ତ୍ତା ହେଉଛି " କର୍ମଜିବୀ ମହିଳାମାନଙ୍କ ପାଇଁ ସ୍ତନ୍ୟପାନ କରାଇବାର ଅନୁକୁଳ ପରିବେଶ ସୃଷ୍ଟି କରାଇ ଏକ ପରିବର୍ତ୍ତନ ଆଣିବା" । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରିବାର ଉଦ୍ଦେଶ୍ୟ ଓ ସଠିକ୍ ସ୍ତନ୍ୟପାନ କରାଇବା ପାଇଁ ପରାମର୍ଶ ଦେଇଥିଲେ । ଯଥା- ଜନ୍ମର ୧ ଘଣ୍ଟା ମଧ୍ୟରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା,ଶିଶୁଙ୍କୁ ପ୍ରଥମ ୬ ମାସ କେବଳ ମାଆ କ୍ଷୀର ଖାଇବାକୁ ଦିଅନ୍ତୁ । ଏହି ସମୟ ମଧ୍ୟରେ କୌଣସି ବାହାର ଖାଦ୍ୟ ଯଥା- ଗାଇ କ୍ଷୀର,ପାଣି,ମହୁ ବା ଚିନି ପାଣି ଦେବାର ଆବଶ୍ୟକ ନାହିଁ । ମା'ର ପ୍ରଥମ 'କଷ କ୍ଷୀର' ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପଟ୍ଟନାୟକ ସ୍ତନ୍ୟପାନର ଉପକାରିତା ଉପରେ ଆଲୋକପାତ କରିଥିଲେ । ମା'ର କ୍ଷୀର ଶିଶୁର ମାନସିକ,ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ଠିକ୍ କରିଥାଏ । ଡାକ୍ତର ପୂର୍ଣ୍ଣିମା ଉଦଗାତା, ଡାକ୍ତର ବିଶ୍ୱ ବିହାରି ମହାନ୍ତି,ଡାକ୍ତର ବିନୋଦ କୁମାର ସାହୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରିବାର ତାତ୍ପର୍ଯ୍ୟ ପ୍ରଚାର ପ୍ରସାର ପାଇଁ ସହଯୋଗ କାମନା କରିଥିଲେ । ଉକ୍ତ ବୈଠକରେ ଆଶା, ନର୍ସିଂ ଛାତ୍ରୀ,ସ୍ୱାସ୍ଥ୍ୟ କର୍ମୀ,ପାରାମେଡିକାଲ ଷ୍ଟାଫ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ସଂଯୋଜନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୭୫ ତା.୦୧.୦୮.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

1/8/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.08.01 16:58


OPPO Reno7 5G
2023.08.01 10:20


ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୩
୧-୭ ଅଗଷ୍ଟ
OPPO Reno7 5G
2023.08.01 10:44


OPPO Reno7 5G
2023.08.01 10:20